# କୋଭିଡ୍ ପରିଚାଳନାରେ ପ୍ରମୁଖ ଅସ୍ତ୍ର ସିଏମ୍ଏସ୍



ଜିଲା ମୁଖ୍ୟ ଚିକିତ୍ସାଳୟରେ ଖୋଲାଯାଇଥିବା କମାଣ୍ଡ ଆଣ୍ଡ କଣ୍ଟ୍ରୋଲ ରୁମ୍‌ରେ ଥିବା କର୍ମଚାରୀମାନେ।

**ଅମିତ କୁମାର ସାମଲ**
**ଅନୁଗୋଳ ଅଫିସ, ୧୧।୬**

- ଫୋନ୍ ଆସିଲେ ତୁରନ୍ତ ଯୋଗାଯାଉଛି ସେବା
- ୧୫ ଦିନରେ ଆସିଲାଣି ୨ ହଜାର କଲ୍
- ୱେବସାଇଟ୍ ସର୍ଚ୍ଚ କଲେଣି ୨୫ ହଜାର ଲୋକ

କରୋନାର ଦ୍ୱିତୀୟ ଲହର ଭୟାନକ ସାବ୍ୟସ୍ତ ହୋଇଛି। ଏଥିରେ ଦ୍ରୁତ ସଂକ୍ରମଣ ସହ ଅଧିକ ମୃତ୍ୟୁ ଦେଖିବାକୁ ମିଳିଛି। କେବଳ ମେ' ମାସରେ ଅନୁଗୋଳ ଜିଲାରେ ୧୮ ହଜାର ୪୯୫ଜଣ ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ ୬୬ ଜଣଙ୍କ ଜୀବନ ଯାଇଛି। ଜିଲାରେ ଅକ୍ସିଜେନର ଅଭାବ ନ ଥିଲେ ମଧ୍ୟ ଗତ ମାସରେ ସଂକ୍ରମିତଙ୍କ ସଂଖ୍ୟା ହୁ ହୁ ହୋଇ ବଢୁଥିବାରୁ ସମସ୍ତଙ୍କୁ ଆବଶ୍ୟକ ସମୟରେ ଚିକିତ୍ସା ଯୋଗାଇଦେବା ପ୍ରଶାସନ ପାଇଁ ବଡ଼ ଆହ୍ୱାନ ସୃଷ୍ଟି କରିଥିଲା। ଏପରି ସମୟରେ କୋଭିଡ୍ ପରିଚାଳନା ପାଇଁ ଜିଲା ପ୍ରଶାସନ ପକ୍ଷରୁ କୋଭିଡ୍ ମ୍ୟାନେଜମେଣ୍ଟ ସିଷ୍ଟମ (ସିଏମ୍ଏସ୍) ଆରମ୍ଭ ସହ ଏହାକୁ ପ୍ରମୁଖ ଅସ୍ତ୍ର କରାଯାଇଥିଲା। ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଏକ କମାଣ୍ଡ ଆଣ୍ଡ କଣ୍ଟ୍ରୋଲ ରୁମ୍ ଖୋଲାଯାଇ ସଂକ୍ରମିତ ଓ ସେମାନଙ୍କ ପରିବାର ସଦସ୍ୟଙ୍କୁ ଆବଶ୍ୟକ ଆମ୍ବୁଲାନ୍ସ, ଅକ୍ସିଜେନ, ମେଡିକାଲ ସହାୟତା ଦିଗରେ ୨୪ ଘଣ୍ଟିଆ ସେବା ଜାରି ରଖାଯାଇଥିଲା। ଏହାଦ୍ୱାରା କୋଭିଡ୍‌କୁ ନେଇ ଆସୁଥିବା ନାନା ଆପତ୍ତି ଅଭିଯୋଗ ହ୍ରାସ ପାଇଥିଲା। ରାଜ୍ୟ ସରକାରଙ୍କ ୫-ଟି ବିଭାଗ ପକ୍ଷରୁ ଏହାକୁ ପ୍ରଶଂସା କରାଯିବା ପରେ ଅନୁଗୋଳ ଜିଲା ପ୍ରଶାସନ ଅଧିକ ଉତ୍ସାହର ସହ କାର୍ଯ୍ୟ କରୁଛି।

ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ତଦାରଖରେ ମେ ୨୨ ତାରିଖରୁ କୋଭିଡ୍ ମ୍ୟାନେଜମେଣ୍ଟ ସିଷ୍ଟମ (ସିଏମ୍ଏସ୍) ଜିଲାରେ ଆରମ୍ଭ ହୋଇଛି। ଖୋଲାଯାଇଥିବା କମାଣ୍ଡ ଆଣ୍ଡ କଣ୍ଟ୍ରୋଲ ରୁମ୍‌ରେ ଯେପରି କୋଭିଡ୍ ସମ୍ପର୍କିତ ସବୁ ସୂଚନା ଉପଲବ୍ଧ ହେବ ସେ ନେଇ ବ୍ୟବସ୍ଥା କରାଯାଇଛି। ଜିଲାର ସମସ୍ତ ଆମ୍ବୁଲାନ୍ସରେ ଜିପିଏସ୍ ସିଷ୍ଟମ ଲଗାଯିବା ସହ ସେଣ୍ଟ୍ରାଲ ହେଲ୍ପ ଡେସ୍କ ବା କଲ୍ ସେଣ୍ଟର ଖୋଲାଯାଇଛି। କରୋନା ସଂକ୍ରମିତ, କୋଭିଡ୍ ମେଡିକାଲ ବେଡ୍ ଉପଲବ୍ଧ ସମ୍ପର୍କରେ ସମ୍ପୂର୍ଣ୍ଣ ତଥ୍ୟ ଏହି କମାଣ୍ଡ ଆଣ୍ଡ କଣ୍ଟ୍ରୋଲ୍ ରୁମ୍‌ରୁ ପ୍ରଦାନ କରାଯାଉଛି। କେଉଁ ମେଡିକାଲରେ କେତେ ବେଡ୍ ରହିଛି, କେତେ ଅକ୍ସିଜେନ୍ ଉପଲବ୍ଧ ରହିଛି, କେଉଁ ରୋଗୀଙ୍କୁ ଘରୁ କିମ୍ବା ମେଡିକାଲରୁ ଅନ୍ୟତ୍ର କେଉଁ ଆମ୍ବୁଲାନ୍ସ ଦ୍ୱାରା ନିଆଯିବ ତାହାର ପରିଚାଳନା ଏହି ସିଏମ୍ଏସ୍ କଣ୍ଟ୍ରୋଲ ରୁମ୍‌ରୁ କରାଯାଉଛି। ସେହିପରି ମେଡିକାଲ, କୋଭିଡ୍ କେୟାର ସେଣ୍ଟରରେ ଚିକିତ୍ସାଧୀନ ଥିବା ରୋଗୀଙ୍କ ସମ୍ପର୍କରେ ପରିବାର ଲୋକେ ଏହି କଣ୍ଟ୍ରୋଲ ରୁମ୍‌ରୁ ତଥ୍ୟ ପାଇପାରୁଛନ୍ତି। ଘରେ ସଙ୍ଗରୋଧରେ ଥିବା ସଂକ୍ରମିତମାନେ ମଧ୍ୟ କଣ୍ଟ୍ରୋଲ ରୁମ୍‌ରେ ଉପଲବ୍ଧ ଡାକ୍ତରଙ୍କ ସହ ଯୋଗାଯୋଗ କରି ଔଷଧ ପରାମର୍ଶ ପାଇପାରୁଛନ୍ତି। କେଉଁ ଅଞ୍ଚଳରେ ଟିକା ପ୍ରଦାନ କରାଯିବ, ଉକ୍ତ ତଥ୍ୟ ମଧ୍ୟ ଲୋକମାନେ ଏହି ସହାୟତା କେନ୍ଦ୍ରରୁ ବୁଝିନେଉଛନ୍ତି। ଏହି ସିଏମ୍ଏସ୍ ପରିଚାଳନା ନିମନ୍ତେ ଜଣେ ମ୍ୟାନେଜରଙ୍କ ସହ ମୋଟ୍ ୪୦ ଜଣ ନିୟୋଜିତ ଅଛନ୍ତି। ଏଥିପାଇଁ ୪ଟି ଟିମ୍ କରାଯାଇଥିବାବେଳେ ଏଥିରେ ଡାକ୍ତର, ପରିବହନ କର୍ମଚାରୀ, ପ୍ରଶାସନିକ କର୍ମଚାରୀ, ହେଲ୍ପ ଡେସ୍କ କର୍ମଚାରୀ ରହିଛନ୍ତି। ନୂଆ ବ୍ୟବସ୍ଥା ଭାବେ ଏଥିରେ ଇ-ପାସ୍‌କୁ ଯୋଡ଼ାଯାଇଛି। ବିବାହ, ବ୍ରତ, ଅନ୍ତ୍ୟେଷ୍ଟିକ୍ରିୟା ଓ ଜରୁରୀ କାର୍ଯ୍ୟ ପାଇଁ ଅନ୍ୟତ୍ର ଗ୍ରସ୍ତ କରିବାକୁ ଚାହୁଁଥିବା ବ୍ୟକ୍ତିମାନେ ଏହି ସିଏମ୍ଏସ୍ ୱେବ୍‌ସାଇଟ୍‌ରୁ ଆବଶ୍ୟକ ଅନୁମତି ପାଇପାରୁଛନ୍ତି। ଇତିମଧ୍ୟରେ ୯୦ ଜଣ ଇ-ପାସ୍ ପାଇଁ ଆବେଦନ କରିଥିବାବେଳେ ଶୁକ୍ରବାର ସନ୍ଧ୍ୟା ସୁଦ୍ଧା ୨୫ ହଜାର ଲୋକ ୱେବ୍‌ସାଇଟ୍ ସର୍ଚ୍ଚ କରିସାରିଛନ୍ତି। ୧୦ ତାରିଖ ସୁଦ୍ଧା ୨୦ ହଜାର ଫୋନ୍ କଲ୍ ଏହି ସିଏମ୍ଏସ୍‌କୁ ଆସିଥିବା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

### ଦ୍ରୁତ ଚିକିତ୍ସା ଯୋଗାଇବା ମୁଖ୍ୟ ଉଦ୍ଦେଶ୍ୟ



ଜିଲାରେ କରୋନାର ଦ୍ରୁତ ସଂକ୍ରମଣକୁ ଦେଖି ସିଏମ୍ଏସ୍ ଖୋଲାଯିବା ନିଷ୍ପତ୍ତି ନିଆଯାଇଥିଲା। ସମସ୍ତ ସଂକ୍ରମିତ ଯେପରି ଠିକଣା ସମୟରେ ଚିକିତ୍ସା ସେବା ପାଇପାରିବେ ତାହା ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏଥିରେ ଆମ୍ବୁଲାନ୍ସ, ମେଡିକାଲ ବେଡ୍ ସହ ସମସ୍ତ ତଥ୍ୟ ରହୁଥିବାରୁ ରୋଗୀଙ୍କୁ ସମସ୍ୟା ହେଉନାହିଁ। ଟିମ୍ ଅନୁଗୋଳ ସୁଚାରୁ ରୂପେ କାର୍ଯ୍ୟ ତୁଲାଉଛି।

-ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଜିଲାପାଳ, ଅନୁଗୋଳ

### ଅଭିଜ୍ଞତା ଆଗକୁ କାମରେ ଆସିବ



ପାଠପଢ଼ା ସମୟରେ ଆମକୁ କରୋନା ମୁକାବିଲାରେ ନିୟୋଜିତ କରାଯାଇଛି। କଣ୍ଟ୍ରୋଲ ରୁମ୍‌ରେ ରହି ସଂକ୍ରମିତମାନଙ୍କୁ କାଉନସେଲିଂ କରୁଛୁ। ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବା ସହ ମେଡିସିନ୍ ସମ୍ପର୍କରେ ପରାମର୍ଶ ଦେଉଛୁ। ଗୁରୁତର କି ଅଧିକ ଅସୁସ୍ଥ ଥିଲେ, ତୁରନ୍ତ କୋଭିଡ୍ ମେଡିକାଲରେ ଭର୍ତ୍ତି କରିବା ଦିଗରେ ପଦକ୍ଷେପ ନେଉଛୁ।

-ଡାକ୍ତର ସୋନି ଅଗ୍ରୱାଲ, ଇଣ୍ଟର୍ନ ଏମ୍‌ବିବିଏସ୍

### ଏକମନରେ କାର୍ଯ୍ୟ ହେଉଛି



ଏହି କଣ୍ଟ୍ରୋଲ ରୁମ୍‌ରେ ୪୦ରୁ ଊର୍ଦ୍ଧ୍ୱ କର୍ମଚାରୀ ଯୋଡ଼ି ହୋଇଛନ୍ତି। ପ୍ରତି ସିଫ୍ଟରେ ୧୦ ଜଣ ଲେଖାଏ ଏକ ମନ ନେଇ କାର୍ଯ୍ୟ କରୁଛନ୍ତି। ରୋଗୀଙ୍କ ନିକଟରେ ଆମ୍ବୁଲାନ୍ସ ପହଞ୍ଚାଇବାଠାରୁ ଆରମ୍ଭ କରି ସେମାନଙ୍କୁ କରୋନା ମୁକ୍ତ କରିବା ଯାଏ, ପ୍ରତିଟି ଅବସ୍ଥା ଉପରେ ନଜର ରଖାଯାଉଛି। ରୋଗୀ କିମ୍ବା ସମ୍ପର୍କୀୟମାନଙ୍କଠାରୁ ଆସୁଥିବା ଅଭିଯୋଗର ତୁରନ୍ତ ସମାଧାନ କରାଯାଉଛି।

-ରାଜେନ୍ଦ୍ର ମହାପାତ୍ର, ସିଏମ୍ଏସ୍ ଟିମ୍ ଲିଡ୍ର

### ବିପତ୍ତି ସମୟରେ ସେବା ଖୁସି ଦେଉଛି



କଲ୍ ସେଣ୍ଟର ଭଳି ଗୁରୁ ଦାୟିତ୍ୱ ପ୍ରଦାନ କରାଯାଇଛି। ପ୍ରଥମରୁ ପରିଚାଳନା ନେଇ ଭୟ ରହିଥିଲା। ସଂକ୍ରମିତମାନେ ବିଭିନ୍ନ ସମୟରେ ଭୟଭୀତ ହୋଇ ଫୋନ୍ କରୁଛନ୍ତି। ସେମାନଙ୍କୁ ଠିକ୍ ପରାମର୍ଶ ଦେବା ବା ବୁଝାଇବା କଷ୍ଟକର। ଆବଶ୍ୟକସ୍ଥଳେ ଡାକ୍ତରଙ୍କ ଜରିଆରେ ସେମାନଙ୍କ ଭୟ ଦୂର କରୁଛୁ। ବିପତ୍ତି ସମୟରେ ଲୋକଙ୍କୁ ବୁଝାଇ ପାରୁଥିବାରୁ ଖୁସି ଲାଗୁଛି।

-ସୁମିତ୍ରା ବିଶ୍ୱାଳ, ହେଲ୍ପ ଡେସ୍କ କର୍ମଚାରୀ

## ସଂକ୍ଷେପରେ

### ହେଲେଇ ଗ୍ରାମ ମାଇକ୍ରୋ କଣ୍ଟେନମେଣ୍ଟ




**ମାଧପୁର, ୧୧।୬:** ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ କିଆକଟା ପଞ୍ଚାୟତରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଉଛି। ବିଶେଷକରି ହେଲେଇ ଗ୍ରାମରୁ ଅଧିକ ସଂକ୍ରମିତ ଚିହ୍ନଟ ହୋଇଥିବାରୁ ଶୁକ୍ରବାର ଏହି ଗାଁକୁ ପଞ୍ଚାୟତ ପ୍ରଶାସନ ପକ୍ଷରୁ ମାଇକ୍ରୋ କଣ୍ଟେନମେଣ୍ଟ ଜୋନ୍ କରାଯାଇଛି। କରୋନା ସଂକ୍ରମିତଙ୍କ ସଂଖ୍ୟା ଯେପରି ଆଉ ଅଧିକ ନ ବଢ଼େ ତାହାକୁ ଦୃଷ୍ଟିରେ ରଖି ସରପଞ୍ଚ ସୋମନାଥ ମଲ୍ଲିକ ଆଗାମୀ ୭ ଦିନ ପାଇଁ ଗ୍ରାମକୁ ଆବଦ୍ଧାଞ୍ଚଳ ଘୋଷଣା କରିଛନ୍ତି। ଗ୍ରାମର କେତେଜଣ ଯୁବକ ଲକ୍‌ଡାଉନ୍ କଟକଣା ନ ମାନି ବାରମ୍ବାର ଏଣେତେଣେ ବୁଲୁଛନ୍ତି। ସଂକ୍ରମଣ ଚେନ୍ ଭାଙ୍ଗିବାକୁ ଜୁନ୍ ୧୧ରୁ ୧୭ ତାରିଖ ପର୍ଯ୍ୟନ୍ତ ଗ୍ରାମକୁ ମାଇକ୍ରୋ କଣ୍ଟେନମେଣ୍ଟ ଜୋନ୍ କଣ୍ଟେନମେଣ୍ଟ ଜୋନ ଭାବେ ଘୋଷଣା କରାଯାଇଛି।

### ଦମ୍ପତିଙ୍କୁ ଆକ୍ରମଣ ଅଭିଯୋଗ

**ବଇଣ୍ଡା, ୧୧।୬(ଡି.ଏନ୍.ଏ.):** କିଶୋରନଗର ବ୍ଲକ ହଣ୍ଡପା ଥାନା କମରେଇ ଗ୍ରାମର ଜୟନ୍ତୀ ଜେନା, ତାଙ୍କ ସ୍ୱାମୀ ସାନନ୍ଦ ଜେନାଙ୍କୁ ସେହି ଗ୍ରାମର ଜେନା ବେହେରା ଓ ତାଙ୍କ ସ୍ତ୍ରୀ ପ୍ରତିମା ମାଡ଼ ମାରିଥିବା ଗୁରୁବାର ଥାନାରେ ଅଭିଯୋଗ ହୋଇଛି। ପୋଲିସ ନଂ. ୧୩୯/୨୧ ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ କହିଛି, ଉଭୟଙ୍କ ପରିବାର ମଧ୍ୟରେ ଶତ୍ରୁତା ଲାଗି ରହିଥିଲା। ଏହି ଘଟଣାକୁ ନେଇ ଜେନା ଦମ୍ପତିଙ୍କୁ ଆକ୍ରମଣ କରାଯାଇଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି।

### ମହିଳାଙ୍କୁ ନିର୍ଯାତନା ନେଇ ମାମଲା

**ବଇଣ୍ଡା,୧୧।୬(ଡି.ଏନ.ଏ.):** କିଶୋରନଗର ବ୍ଲକ ହଣ୍ଡପା ଥାନା ପରସୁମାଳ ଗ୍ରାମର ଅମ୍ବିକା ସାହୁଙ୍କୁ ସ୍ୱାମୀ ଧରଣୀ ସାହୁ, ଶାଶୁ ଦର୍ଶନୀ ସାହୁ, ଶ୍ୱଶୁର ମାଧବ ସାହୁ ଯୌତୁକ ନିର୍ଯାତନା ଦେଉଥିବା ଗୁରୁବାର ଥାନାରେ ଅଭିଯୋଗ ହୋଇଛି। ପୋଲିସ ନଂ. ୧୪୦/୨୧ରେ ଏକ ମାମଲା ରୁଜୁ କରିଛି। ୨୦୧୯ ଜୁଲାଇ ୧୧ରେ ଅମ୍ବିକାଙ୍କୁ ଧରଣୀ ବୈଦିକ ରୀତିରେ ବିବାହ କରିଥିଲେ। ବାପଘର ପକ୍ଷରୁ ସାମର୍ଥ୍ୟ ଅନୁଯାୟୀ ଜାନିଯୌତୁକ ଦିଆଯାଇଥିଲା। ବିବାହର କିଛି ଦିନ ପରେ ଶାଶୁଘର ଲୋକେ ଅଧିକ ଯୌତୁକ ଦାବି କରି ନିର୍ଯାତନା ଦେଇ ଆସୁଥିବା ଅମ୍ବିକା ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଘଟଣାରେ କାହାରିକୁ ଗିରଫ କରାଯାଇ ନ ଥିବା ପୋଲିସ କହିଛି।

### ଏସ୍‌ୟୁସିଆଇ ପକ୍ଷରୁ ପ୍ରତିବାଦ ଦିବସ

**ଅନୁଗୋଳ ଅଫିସ/ ବଇଣ୍ଡା, ୧୧।୬:** ପେଟ୍ରୋଲ୍, ଡିଜେଲ ଓ ରନ୍ଧନ ଗ୍ୟାସ୍‌ର ମୂଲ୍ୟବୃଦ୍ଧି ବନ୍ଦ କରିବା, ନିତ୍ୟ ବ୍ୟବହାର୍ଯ୍ୟ ଜିନିଷପତ୍ରର ଆକାଶଛୁଆଁ ଦର ବୃଦ୍ଧି ବନ୍ଦ କରିବା, ପ୍ରତି ଜିଲା ଓ ବ୍ଲକରେ କୋଭିଡ୍ ହସ୍ପିଟାଲ ସ୍ଥାପନ, ମାଗଣାରେ ଔଷଧ ଯୋଗାଣ ସହ କର୍ମଚ୍ୟୁତ ଏବଂ କ୍ଷତିଗ୍ରସ୍ତମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ ଦାବିରେ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ପକ୍ଷରୁ ଅନୁଗୋଳରେ ପ୍ରତିବାଦ ଦିବସ ପାଳନ କରାଯାଇଛି। ଜିଲା କମିଟି ସଭ୍ୟ ସୁବାସ ପ୍ରଧାନ, ମାନସ ପାଳ, ସଞ୍ଜୟ ସାହୁଙ୍କ ସମେତ ନିରଞ୍ଜନ ନାୟକ, ନାରାୟଣ ନାୟକ ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କ ଅନୁପସ୍ଥିତିରେ ଉପଜିଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ସେହିପରି ଛେଣ୍ଡିପଦା, ଆଠମଲ୍ଲିକ, କଣିହାଁ ଆଦି ବ୍ଲକ ଅଞ୍ଚଳରେ ସଙ୍ଗଠନର ଶତାଧିକ କର୍ମୀ, ସମର୍ଥକ ସାମାଜିକ ଗଣମାଧ୍ୟମ ଜରିଆରେ ପ୍ଲାକାର୍ଡ ପ୍ରଦର୍ଶନ କରିବା ସହ ଦାବିପତ୍ରମାନ ପ୍ରେରଣ କରିଛନ୍ତି। ସେହିପରି କିଶୋରନଗର ଶାଖା ପକ୍ଷରୁ ଶୁକ୍ରବାର ଜଏରାଟରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ଶାଖା ସମ୍ପାଦକ ତୀର୍ଥବାସୀ ଭୋଇ, ରମଣିରଞ୍ଜନ ପ୍ରଧାନ, ପୀତାମ୍ବର ପ୍ରଧାନ, ରବିନାରାୟଣ ବାରିକ, ଚେରୁ ପ୍ରଧାନ ପ୍ରମୁଖ ଯୋଗଦେଇ ପ୍ରତିବାଦ କରିଥିଲେ। କରୋନା ଭାଇରସ୍ ଯୋଗୁ ଲୋକେ ନାହିଁନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ହଜାର ହଜାର ଜୀବନ ଗଲାଣି। କାମଧନ୍ଦା ମିଳୁ ନ ଥିବାରୁ ଲୋକେ ଘରେ ବସି ରହିଛନ୍ତି। ଏଭଳି ଅର୍ଥିକ ସଙ୍କଟ ସମୟରେ ସରକାର ଖାଇବା ତେଲ, ତୈଳ, ଗ୍ୟାସ୍, ରାଶନ ସାମଗ୍ରୀ ଦର ବୃଦ୍ଧି କରୁଛନ୍ତି। ସେହିପରି ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନିଃଶୁଳ୍କ ମେଡିସିନ ମିଳୁନାହିଁ। ଗରିବ ରୋଗୀ ବାହାରୁ ମେଡିସିନ ଆଣିବାକୁ ବାଧ ହେଉଛନ୍ତି। ସରକାର ତୁରନ୍ତ ଏସବୁ ସମସ୍ୟାର ସମାଧାନ କରିବାକୁ ସଙ୍ଗଠନ ପକ୍ଷରୁ ଦାବି କରାଯାଇଛି।

## 'ଗଛ ଲଗାଇଲେ ଅକ୍ସିଜେନ ଅଭାବ ରହିବନି'

**ବଇଣ୍ଡା,୧୧।୬(ଡି.ଏନ.ଏ.)**

ଶିଳ୍ପାୟନ, ରାସ୍ତା ନିର୍ମାଣ ନିମନ୍ତେ ହଜାର ହଜାର ଗଛ ବଳିପଡୁଛି। ଲୋକମାନେ ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ଗଛ କାଟି ପକାଉଛନ୍ତି। ଏହାର ବହୁ ଖରାପ ପ୍ରଭାବ ପରିବେଶ ଉପରେ ପଡୁଛି। ବାୟୁ ମଣ୍ଡଳରେ ଅମ୍ଳଜାନ ସ୍ତର ହ୍ରାସ ପାଇବାରେରେ ଲାଗିଛି। ବ୍ୟାପକ ଗଛ ଲଗାଇବା ଦ୍ୱାରା ଏହି ଜୀବନ ରକ୍ଷାକାରୀ ଅମ୍ଳଜାନର ଅଭାବ ଦୂର ହୋଇପାରିବ ବୋଲି ଗୁରୁବାର ଅଖିଳ ଭାରତୀୟ ଗୋଣ୍ଡୱାନା ଗୋଣ୍ଡ ମହାସଭା ଓ ପ୍ରଦେଶ ସହବନ୍ଧିତ ଅନୁଗୋଳ ଜିଲା ସମିତିର ଭର୍ଚୁଆଲ ସାଧାରଣ ଅଧିବେଶନରେ ଯୋଗ ଦେଇଥିବା ଅତିଥିମାନେ ମତ ପ୍ରକାଶ କରିଛନ୍ତି। ବଇଣ୍ଡା ଗ୍ରାମର ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ବିରଞ୍ଚି ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ରାଜ୍ୟ ସମିତି ମହାସଚିବ ପ୍ୟାରୀମୋହନ ନାୟକ, ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ, ରାଜ୍ୟ ମହିଳା ସଭାନେତ୍ରୀ ସୁକାନ୍ତି ବାଳା ନାୟକ, ମହେନ୍ଦ୍ର ନାୟକ, ସୁରେଶ ଚନ୍ଦ୍ର ନାୟକ, ମାଗୁଣି ଚନ୍ଦ୍ର ନାୟକ, ଲିଙ୍ଗରାଜ ନାୟକଙ୍କ ସମେତ ୨୮ଟି ପୁଞ୍ଜର ସଭାପତି ଓ ମହାସଚିବ ଯୋଗ ଦେଇଥିଲେ। ଏଥିରେ ରାଜ୍ୟରେ ୪ ଲକ୍ଷ ଗୋଣ୍ଡ ପରିବାର ବସବାସ କରୁଥିବାବେଳେ ସମସ୍ତେ କିଭଳି ନିଜ ବାଡିରେ ଗଛ ଲଗାଇବା ସହ ଅନ୍ୟକୁ ଗଛ ଲଗାଇବା ପାଇଁ ପରାମର୍ଶ ଦେବେ ସେ ନେଇ ଆଲୋଚନା ହୋଇଥିଲା। ୨୦ଲକ୍ଷ ଗଛ ଲଗାଇବା ପାଇଁ ଏହି କାର୍ଯ୍ୟକ୍ରମରେ ନିଷ୍ପତ୍ତି ନିଆଯାଇଥିଲା। ଏଥିସହ ଜୁନ ୨୧ ରେ ଗୋଣ୍ଡ ମହାସଭାର ପ୍ରତିଷ୍ଠା ଦିବସ ଓ ଜୁନ ୨୪ରେ ରାଣୀ ଦୁର୍ଗା ବତୀଙ୍କ ବଳିଦାନ ଦିବସ ପାଳନ କରିବା ପାଇଁ ସ୍ଥିର କରାଯାଇଥିଲା। କାର୍ଯ୍ୟକମ ଶେଷରେ କୁଶ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭିତ୍ତିପ୍ରସ୍ତର ସ୍ଥାପନ

**ଛେଣ୍ଡିପଦା,୧୧।୬(ସ୍ୱ.ପ୍ର)**

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ କୋଶଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶୁକ୍ରବାର ସ୍ୱାସ୍ଥ୍ୟକେନ୍ଦ୍ରର ଅନ୍ତଃବିଭାଗ ଏବଂ ବର୍ହିଃଚିକିତ୍ସା ବିଭାଗ ନୂତନ ଗୃହର ଭିତ୍ତିପ୍ରସ୍ତର ସ୍ଥାପନ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରା, ସମ୍ମାନିତ ଅତିଥି ଭାବେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ଆଶିଷ ପାଣି, ଛେଣ୍ଡିପଦା ବିଧାୟକଙ୍କ ଜିଲା ପ୍ରତିନିଧି ପ୍ରଦୀପ କୁମାର ସାହୁ, କୋଶଳା ଗ୍ରାମସଭାପତି ବ୍ରଜବନ୍ଧୁ ସାହୁ, ସମ୍ପାଦକ ପ୍ରକାଶ ଚନ୍ଦ୍ର ସାହୁ, ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ. ବିନୟ କୁମାର ପାଢ଼ି, ସହକାରୀ ଯନ୍ତ୍ରୀ ଇଂ ପ୍ରତାପ ଚନ୍ଦ୍ର ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏହି ଗୃହ ଗୁଡିକର ଆବଶ୍ୟକତା ଥିବାବେଳେ ଏହାଦ୍ୱାରା ରୋଗୀମାନଙ୍କ ବହୁ ସମସ୍ୟାର ସମାଧାନ ହୋଇପାରିବ ବୋଲି ବିଧାୟକ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଇନଜୀବୀ ଅଶୋକ କୁମାର ସାହୁ, ପ୍ରାଣବନ୍ଧୁ ସାହୁ, ଅରକ୍ଷିତ ସାହୁ ପ୍ରମୁଖ ଯୋଗ ଦେଇଥିଲେ।



ଭିତ୍ତିପ୍ରସ୍ତର କାର୍ଯ୍ୟକ୍ରମରେ ବିଧାୟକଙ୍କ ସମେତ ଅନ୍ୟମାନେ।

## ୨୭୭ ପଜିଟିଭ୍ ଚିହ୍ନଟ

**ଅନୁଗୋଳ ଅଫିସ, ୧୧।୬**

ଅନୁଗୋଳ ଜିଲାରୁ ଶୁକ୍ରବାର ୨୭୭ ପଜିଟିଭ୍ କରୋନା ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ୍ ପଜିଟିଭ୍ ସଂଖ୍ୟା ୩୭ ହଜାର ୯୧୯ରେ ପହଞ୍ଚିଛି। ନୂଆ ସଂକ୍ରମିତଙ୍କ ମଧ୍ୟରେ ବଣଁରପାଳ ବ୍ଲକରୁ ସର୍ବାଧିକ ୪୯ ଜଣ, ଅନୁଗୋଳ ବ୍ଲକରୁ ୩୭, ଛେଣ୍ଡିପଦା ବ୍ଲକରୁ ୨୯, ପାଲଲହଡ଼ା ବ୍ଲକରୁ ୨୭, ତାଳଚେର ବ୍ଲକରୁ ୨୬, କିଶୋରନଗର ବ୍ଲକରୁ ୨୫, ଆଠମଲ୍ଲିକ ବ୍ଲକରୁ ୨୨, ଅନୁଗୋଳ ପୌରାଞ୍ଚଳରୁ ୧୯, କଣିହାଁ ବ୍ଲକରୁ ୧୮, ତାଳଚେର ପୌରାଞ୍ଚଳରୁ ୧୫ ଓ ଆଠମଲ୍ଲିକ ଏନ୍ଏସିରୁ ୧୦ ଜଣ ରହିଛନ୍ତି। ଲକ୍ଷଣଯୁକ୍ତ ଆକ୍ରାନ୍ତଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟର କରୋନା ୱାର୍ଡ ଓ ତାଳଚେରସ୍ଥିତ କୋଭିଡ୍ ହସ୍ପିଟାଲକୁ ପଠାଯାଉଛି। ଅନ୍ୟମାନଙ୍କୁ ଘରେ ସଙ୍ଗରୋଧରେ ରଖାଯାଇଛି। ଅନ୍ୟପକ୍ଷରେ ଦିନକରେ ଜିଲାରୁ ୪୯୨ ଜଣ କରୋନାରୁ ସୁସ୍ଥ ହୋଇଛନ୍ତି। ତେବେ ଜିଲାରେ ପୁଣି ୪ ଜଣ କରୋନାରେ ମୃତ ହୋଇଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି। ଏହାକୁ ମିଶାଇ ଜିଲାରେ ମୋଟ୍ କରୋନାରେ ମୃତକଙ୍କ ସଂଖ୍ୟା ୧୪୮ରେ ପହଞ୍ଚିଛି।

## ଜଳସେଚନ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା

**ଛେଣ୍ଡିପଦା, ୧୧।୬(ସ୍ୱ.ପ୍ର)**

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ପୁରୁଣାଗଡ ଗ୍ରାମର ରୋହିତ କୁମାର ସାହୁ ନିଯୁକ୍ତି ଦାବିରେ ଶୁକ୍ରବାର ଆଉଁଳୀ ଜଳସେଚନ ପ୍ରକଳ୍ପ କର୍ଣ୍ଣପାଳଠାରେ ଥିବା କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ତେବେ ଅଭିଯୋଗର ସମାଧାନ କରାଯିବ ବୋଲି କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେବା ପରେ ସେ ଧାରଣାରୁ ଉଠିଯାଇଥିବା ଜଣାପଡ଼ିଛି।

ରୋହିତଙ୍କ ଅଭିଯୋଗ ଅନୁଯାୟୀ, ଆଉଁଳୀ ଜଳସେଚନ ବିଭାଗ ଅଧୀନରେ ତାଙ୍କ ବାପା ମହେଶ୍ୱର ସାହୁ କାର୍ଯ୍ୟରତ ଥିଲେ। ବାପାଙ୍କ ଚାକିରି କାଳ ଆହୁରି ୧ ବର୍ଷ ଥିଲେ ମଧ୍ୟ ତ୍ରୁଟିପୂର୍ଣ୍ଣ ଭାବେ ତାଙ୍କୁ ଅବସର ଦିଆଯାଇଥିଲା। ଏ ନେଇ ବାପା ମହେଶ୍ୱର ଓ ରୋହିତ ବାରମ୍ବାର ବିଭାଗୀୟ ଅଧିକାରୀଙ୍କ ଠାରୁ ଆରମ୍ଭ କରି ରାଜ୍ୟ ସରକାରଙ୍କ ପର୍ଯ୍ୟନ୍ତ ଅଭିଯୋଗ କରିଥିଲେ। ଦିଆଯାଇଥିବା ଅବସର ତ୍ରୁଟିଯୁକ୍ତ ବୋଲି ପ୍ରମାଣ ଉପସ୍ଥାପନ କରିଥିଲେ। ହେଲେ କୌଣସି ସୁଫଳ ମିଳି ନ ଥିବା ରୋହିତ ଅଭିଯୋଗ କରିଛନ୍ତି। ଚାକିରି ଯିବା ପରେ ମହେଶ୍ୱର ପକ୍ଷାଘାତ ରୋଗରେ ଆକ୍ରାନ୍ତ ହୋଇ ପ୍ରାଣ ହରାଇଥିଲେ। ବାପାଙ୍କ ମୃତ୍ୟୁ ପରେ ପରିବାର ଅଭାବ ଅନାଟନରେ ଭାଙ୍ଗି ପଡିଛି। ବାରମ୍ବାର ଆପତ୍ତି ଅଭିଯୋଗ ସତ୍ତ୍ୱେ କୌଣସି ସୁଫଳ ନ ମିଳିବାରୁ ରୋହିତ ଶୁକ୍ରବାର କାର୍ଯ୍ୟାଳୟ ସମ୍ମୁଖରେ ସକାଳ ୭ଟାରୁ ଧାରଣାରେ ବସିଥିଲେ। ପୂର୍ବାହ୍ନ ୯ଟାରେ ଉକ୍ତ ଜଳସେଚନ ବିଭାଗର କନିଷ୍ଠ ଯନ୍ତ୍ରୀ ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଧାରଣାସ୍ଥଳର ପହଞ୍ଚି ରୋହିତଙ୍କ ସମସ୍ତ କାଗଜପତ୍ର ସର୍ବୋଚ୍ଚ ଯନ୍ତ୍ରୀଙ୍କ ପାଖକୁ ପଠାଇବା ସହ ଏହାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ରୋହିତ ଧାରଣାରୁ ଓହରି ଥିଲେ।




କର୍ଣ୍ଣପାଳଠାରେ ଥିବା ଜଳସେଚନ କାର୍ଯ୍ୟାଳୟ ସମ୍ମୁଖରେ ରୋହିତ ଧାରଣା ଦେଇଛନ୍ତି।

## ୫୫ ୟୁନିଟ୍ ରକ୍ତ ସଂଗ୍ରହ



ଶିବିରରେ ରକ୍ତ ସଂଗ୍ରହ କରାଯାଉଛି।

**ଅନୁଗୋଳ ଅଫିସ,୧୧।୬**

ଅନୁଗୋଳ ଲକ୍ଷ୍ମୀନାରାୟଣ ପାଠାଗାର ଏବଂ ଓଡ଼ିଶା ମୋ ପରିବାର ଓ ଜୀବନ ବିନ୍ଦୁ ମିଳିତ ଆନୁକୂଲ୍ୟରେ ସ୍ୱର୍ଗତ ଲକ୍ଷ୍ମୀଧର ଜେନାଙ୍କ ସ୍ମୃତିରେ ଡିଆଇସି ଛକଠାରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହାକୁ ଓଡ଼ିଶା ମୋ ପରିବାର ଓ ଜୀବନ ବିନ୍ଦୁ ଜିଲା ସଂଯୋଜକ ଶକ୍ତି ପ୍ରସାଦ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ଢେଙ୍କାନାଳ ଏମ୍‌ପି ମହେଶ ସାହୁ ଯୋଗଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଆଇନଜୀବୀ ପ୍ରଦୀପ ଦେବତା, ସଞ୍ଜୀବନୀ ମାର୍କେଟ ସଭାପତି ପ୍ରତାପ ମାଝି, ଟିଟ ପଟ୍ଟନାୟକ ଓ ବସ୍ ମାଲିକ ସଂଘ ସଭାପତି ମାନସ ସାମଲ ଯୋଗଦାନ କରିଥିଲେ। ଲକ୍ଷ୍ମୀ ନାରାୟଣ ପାଠାଗାର ସଂଘ ସଭାପତି ବୀରେନ୍ଦ୍ର କୁମାର ନାୟକଙ୍କ ନେତୃତ୍ୱରେ ୫୫ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଦୀନବନ୍ଧୁ ଜେନା, ବିନୋଦ ସାମଲ, ଯୁବନେତା ଚନ୍ଦନ କୁମାର ସାହୁ, ଅନିଲ ଲେଙ୍କା, ଅନିଲ ମିଶ୍ର, ଦିନେଶ ପ୍ରଧାନ, କୋଲଳକାନ୍ତ ସାହୁ, ଆଲୋକ ଦାସ, ବିଭୂଦତ୍ତ ସାମଲ ପ୍ରମୁଖ ସହଯୋଗ କରିଥିଲେ।

## ତୈଳ ଦର ବୃଦ୍ଧି ପ୍ରତିବାଦରେ ଗଣଧାରଣା

**ଅନୁଗୋଳ ଅଫିସ,୧୧।୬**

ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧିର ପ୍ରତିବାଦ କରିଛି ଅନୁଗୋଳ ଜିଲା କଂଗ୍ରେସ। ଜିଲା ସଭାପତି ବିପ୍ଳବ ଜେନାଙ୍କ ନେତୃତ୍ୱରେ ଶୁକ୍ରବାର ସହରର ଏକ ପେଟ୍ରୋଲ ପମ୍ପ ସମ୍ମୁଖରେ ସକାଳ ୭ଟାରୁ ପୂର୍ବାହ୍ନ ୧୧ ପର୍ଯ୍ୟନ୍ତ ଗଣଧାରଣା ଦିଆଯାଇଥିଲା। ଦଳ ପକ୍ଷରୁ କୁହାଯାଇଛି ଯେ, କରୋନା ସମୟରେ କେନ୍ଦ୍ର ସରକାର ତୈଳ ଉପରେ ଅଯଥା ଅତ୍ୟଧିକ ଟିକସ ବୃଦ୍ଧି କରି ଦୈନିକ ଜନସାଧାରଣଙ୍କୁ ଶୋଷଣ କରୁଛନ୍ତି। ତୈଳ ଦର ବୃଦ୍ଧି ଯୋଗୁ ଅତ୍ୟାବଶ୍ୟକ ସାମଗ୍ରୀ, ଖାଇବା ତେଲ, ପରିବା ଆଦିର ମୂଲ୍ୟ ଆକାଶଛୁଆଁ ହୋଇଛି। ଗରିବ ଖଟିଖିଆ ଓ ନିମ୍ନ ମଧ୍ୟବିତ୍ତ ପରିବାରଗୁଡିକ ଏହାଦ୍ୱାରା ଅଧିକ କ୍ଷତିଗ୍ରସ୍ତ ହେଉଛନ୍ତି। ଯଦି ସରକାର ତୁରନ୍ତ ତୈଳଦର ହ୍ରାସ ନ କରନ୍ତି, ତା'ହେଲେ ଆଗାମୀ ଦିନରେ ଦେଶବ୍ୟାପୀ ଆନ୍ଦୋଳନ କରିବାକୁ କଂଗ୍ରେସ ବାଧ୍ୟ ହେବ ବୋଲି ଜିଲା କଂଗ୍ରେସ କମିଟି ପକ୍ଷରୁ କୁହାଯାଇଛି।




ଜିଲା କଂଗ୍ରେସ ପକ୍ଷରୁ ଅନୁଗୋଳର ଏକ ପେଟ୍ରୋଲ ପମ୍ପଠାରେ ଗଣଧାରଣା ଦିଆଯାଇଛି।

ଏହି ଗଣଧାରଣାରେ ଜିଲା କଂଗ୍ରେସ କମିଟି ଲିଗାଲ ସେଲ ଅଧ୍ୟକ୍ଷ ଧର୍ମେନ୍ଦ୍ର ନାଥ ମିଶ୍ର, ମିଡିଆ ସେଲ ଅଧ୍ୟକ୍ଷ ଗୋପାଳ ନାଥ, ଅନୁଗୋଳ ବ୍ଲକ କଂଗ୍ରେସ ସଭାପତି ଅମୂଲ୍ୟ ବେହେରା, ବଣଁରପାଳ ବ୍ଲକ ସଭାପତି ବିନୋଦ ମାଝି, ଆଦିବାସୀ ହରିଜନ ସେଲ ରାଜ୍ୟ ଆବାହକ ଟିକନ ବେହେରା, ଜିଲା ଯୁବ କଂଗ୍ରେସ ସଭାପତି ଲୁଟୁ ରଞ୍ଜନ ଥାପା, ଜିଲା ଛାତ୍ର କଂଗ୍ରେସ ସଭାପତି ଲୁଲୁ ପାଣିଗ୍ରାହୀ, ବରିଷ୍ଠ ନେତା ସନ୍ତୋଷ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ଛେଣ୍ଡିପଦା ବ୍ଲକର ବିଭିନ୍ନ ପେଟ୍ରୋଲ ପମ୍ପ ସମ୍ମୁଖରେ କଂଗ୍ରେସ କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଜରପଡା ପେଟ୍ରୋଲ ପମ୍ପ ସାମ୍ନାରେ କଂଗ୍ରେସ ନେତ୍ରୀ ସସ୍ମିତା ବେହେରାଙ୍କ ନେତୃତ୍ୱରେ କର୍ମୀମାନେ ସକାଳ ୭ଟାଠାରୁ ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ ଗଣଧାରଣା କରିଥିଲେ। ବାଗଡିଆ ପେଟ୍ରୋଲ ପମ୍ପ ସାମ୍ନାରେ କଂଗ୍ରେସ ନେତା ନରୋତ୍ତମ ନାୟକଙ୍କ ନେତୃତ୍ୱରେ କର୍ମୀମାନେ କୋଭିଡ୍ ନିୟମ ପାଳନ କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେହିଭଳି ଛେଣ୍ଡିପଦା, ଚାରବାଟିଆ, ନୂଆଁପଡା, କୋଶଳା, ଦୁର୍ଗାପୁର, କତଡାଠାରେ ଥିବା ପେଟ୍ରୋଲ ପମ୍ପ ଆଗରେ କର୍ମୀତ୍ମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

## ସଂକ୍ଷେପରେ

### ପିସ୍ତଲ ଜବତ, ଜଣେ ଗିରଫ

**ଢେଙ୍କାନାଳ ଅଫିସ, ୧୧।୬:** ଢେଙ୍କାନାଳ ଜିଲା ହିନ୍ଦୋଳ ଥାନା ନୂଆବଗ ଅଞ୍ଚଳରେ ଗତ ମେ ୧୮ ତାରିଖରେ ହୋଇଥିବା ଏକ ଡକାୟତି ଘଟଣାର ଅନ୍ୟତମ ଅଭିଯୁକ୍ତ ପୋଲିସ ହାତରେ ଧରାପଡ଼ିଛନ୍ତି। ତାଙ୍କ ଘର ଅନୁଗୋଳ ଜିଲା କୋଲିୟାରି ଥାନା ଘଣ୍ଟଗାଡ଼ିଆ ଗ୍ରାମରେ। ଅଭିଯୁକ୍ତଙ୍କ ନିକଟରୁ ଏକ ପିସ୍ତଲ ଓ ମୋବାଇଲ ଜବତ କରାଯାଇଛି। ଏହି ଘଟଣାରେ ପୂର୍ବରୁ ଅନ୍ୟ ୨ଜଣଙ୍କୁ ଗିରଫ କରାଯାଇଥିବା ଜିଲା ପୋଲିସ କାର୍ଯ୍ୟାଳୟ ସୂତ୍ରରୁ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ଘଟଣାଦିନ ଅଭିଯୁକ୍ତମାନେ ଜଣେ ବ୍ୟକ୍ତିଙ୍କୁ ବନ୍ଧୁକ ଦେଖାଇ ମୋବାଇଲ ଫୋନ୍ ଏବଂ ସୁନାଚେନ୍ ଲୁଟି ନେଇଥିଲେ। ଗୁରୁବାର ଘଟଣାର ୩ୟ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିବାରେ ସଫଳ ହୋଇଛି। ଏ ନେଇ ହିନ୍ଦୋଳ ଥାନାରେ ଏକ ମାମଲା ରୁଜୁ ହୋଇଛି।

### ୧୩୭ ପଜିଟିଭ୍ ଚିହ୍ନଟ, ମୃତ୍ୟୁସଂଖ୍ୟା ୪୬

**ଢେଙ୍କାନାଳ ଅଫିସ, ୧୧।୬:** ଢେଙ୍କାନାଳ ଜିଲାର ଆଉ ଜଣେ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ପରଜଙ୍ଗ ବ୍ଲକ ନୂଆପାଳ ଗ୍ରାମର ୪୪ ବର୍ଷୀୟ ଜଣେ ଯୁବକ। ଏହାପରେ ଜିଲାର ମୋଟ କୋଭିଡ୍‌ଜନିତ ମୃତ୍ୟୁସଂଖ୍ୟା ୪୬ ହୋଇଛି। ସେହିପରି ଶୁକ୍ରବାର ଦିନକରେ ୧୩୭ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ନୂଆ ସଂକ୍ରମିତଙ୍କ ମଧ୍ୟରେ ହିନ୍ଦୋଳ ବ୍ଲକର ସର୍ବାଧିକ ୬୪ ଜଣ ଅଛନ୍ତି। ଅନୁରୂପ ଭାବେ ସଦର ବ୍ଲକରୁ ୨୪, ଓଡ଼ାପଡ଼ା ବ୍ଲକରୁ ୧୧, କଙ୍କଡ଼ାହାଡ଼ ବ୍ଲକରୁ ୮, ଗଁନ୍ଦିଆ ବ୍ଲକରୁ ୬, ଭୁବନ ବ୍ଲକରୁ ୧, ପରଜଙ୍ଗ ବ୍ଲକରୁ ୧, ଢେଙ୍କାନାଳ ପୌରାଞ୍ଚଳରୁ ୧୦, କାମାକ୍ଷାନଗର ବ୍ଲକରୁ ୭, ଏନ୍‌ଏସିରୁ ୨ ଏବଂ ବିଭିନ୍ନ ଚିକିତ୍ସାଳୟର ୩ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସଂକ୍ରମଣ ବଢୁଥିବାରୁ ଜିଲାପାଳ ଭୂମେଶ ଚନ୍ଦ୍ର ବେହେରାଙ୍କ ନିର୍ଦ୍ଦେଶରେ ଗଁନ୍ଦିଆ ବ୍ଲକର ମନ୍ଦାର ପଞ୍ଚାୟତର ଦଲାର, ଓଡ଼ାପଡ଼ା ବ୍ଲକର ଚିନ୍ତାପୋଖରୀ ଏବଂ ହିନ୍ଦୋଳ ବ୍ଲକର କଡ଼ଲା ଗ୍ରାମକୁ ୧୧ରୁ ୧୮ ତାରିଖ ଯାଏ ମାଇକ୍ରୋ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରାଯାଇଛି।

### ବିଡିଓଙ୍କୁ ଆକ୍ରମଣ ଘଟଣା: ୫ ଗିରଫ

**ବାରିପଦା ଅଫିସ,୧୧।୬:** ମୟୂରଭଞ୍ଜ ଜିଲା ଶାମାଖୁଣ୍ଟା ବ୍ଲକ ବିଡିଓ ଜୟକୃଷ୍ଣ ପାତ୍ରଙ୍କୁ ଆକ୍ରମଣ ଘଟଣାରେ ସଦର ଥାନା ପୋଲିସ ୫ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ କଣ୍ଟାପାଳ ଗ୍ରାମର ଈଶ୍ୱର ଚନ୍ଦ୍ର ହାବଡା, କରଞ୍ଜିଆ ଅଞ୍ଚଳର ଯୋଗେଶ ମହାନ୍ତ, ଧନପୁର ଅଞ୍ଚଳର ସଞ୍ଜିତ ଦାସ, ଜୟବିଲା ଅଞ୍ଚଳର ବିଶ୍ୱଜିତ ବେହେରା ଏବଂ ସିନ୍ଦୂରଗଉରା ଅଞ୍ଚଳର ମନୋଜ ମହାନ୍ତ। ପ୍ରକାଶ ଥାଉକି, ଗତ ୩ତାରିଖରେ କିଛି ଜନପ୍ରତିନିଧି ଓ ବ୍ୟକ୍ତି ବିଶେଷ ବିଡିଓଙ୍କୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଥିଲା। ଅଭିଯୁକ୍ତମାନଙ୍କୁ ପୋଲିସ ଗିରଫ କରିବାରେ ବିଳମ୍ବ କରିବାରୁ ଭାଜପା ପକ୍ଷରୁ ଥାନା ସମ୍ମୁଖରେ ବିକ୍ଷୋଭ କରାଯାଇଥିଲା।

# ବଢୁଛି ବଜ୍ରପାତ ବିପତ୍ତି

**ଢେଙ୍କାନାଳ ଅଫିସ, ୧୧।୬**



- ଢେଙ୍କାନାଳରେ ୩ ବର୍ଷରେ ୪୮ ଜଣଙ୍କ ମୃତ୍ୟୁ
- ପରଜଙ୍ଗ, ଭୁବନ ବ୍ଲକରେ ଅଧିକ ଜୀବନହାନି
- ବିଳମ୍ବିତ ରିପୋର୍ଟ କ୍ଷତିପୂରଣରେ ବାଧକ

ଶିଳ୍ପସମୃଦ୍ଧ ଢେଙ୍କାନାଳ ଜିଲାରେ ବଜ୍ରପାତ ବିପତ୍ତି ବଢ଼ିବାରେ ଲାଗିଛି। ଜିଲାରେ ଗତ ୩ ବର୍ଷ ମଧ୍ୟରେ ଚଡ଼କ ୪୮ ଜଣଙ୍କ ଜୀବନ ନେଲାଣି। କାଳବୈଶାଖୀ, ଝଡ଼ବର୍ଷା ସମୟରେ ଆବଶ୍ୟକ ସଚେତନ ଅଭାବ ଯୋଗୁ ଏଭଳି ମୃତ୍ୟୁସଂଖ୍ୟା ବଢ଼ିବାରେ ଲାଗିଛି। ଅନ୍ୟପଟେ ପୋଲିସ, ରାଜସ୍ୱ ଏବଂ ସ୍ୱାସ୍ଥ୍ୟ ବିଭାଗ ମଧ୍ୟରେ ସମନ୍ୱୟ ଅଭାବ ଯୋଗୁ ରିପୋର୍ଟ ପ୍ରଦାନରେ ବିଳମ୍ବ ହେଉଛି। ତେଣୁ ମୃତକଙ୍କ ପରିବାରକୁ ଠିକ୍ ସମୟରେ କ୍ଷତିପୂରଣ ମିଳିପାରୁ ନ ଥିବା ଅଭିଯୋଗ ହେଉଛି।

ଜିଲା ଜରୁରୀ ଓ ଆପାତକାଳୀନ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, କାମାକ୍ଷାନଗର ବ୍ଲକରେ ୨୦୧୯-୧୮ରେ ୬, ୨୦୧୯-୨୦ରେ ୩ଜଣ ବଜ୍ରପାତର ଶିକାର ହୋଇଛନ୍ତି। ଏହିକ୍ରମରେ ଭୁବନ ବ୍ଲକରେ ୨୦୧୮-୧୯ରେ ୩, ୨୦୧୯-୨୦ରେ ୪, ୨୦୨୦-୨୧ରେ ୩, କଙ୍କଡ଼ାହାଡ଼ ବ୍ଲକରେ ୨୦୧୮-୧୯ରେ ୪, ୨୦୧୯-୨୦ରେ ୨, ୨୦୨୦-୨୧ରେ ୨, ହିନ୍ଦୋଳ ବ୍ଲକରେ ୨୦୧୮-୧୯ରେ ୨, ପରଜଙ୍ଗ ବ୍ଲକରେ ୨୦୧୮-୧୯ରେ ୨, ୨୦୧୯-୨୦ରେ ୧, ୨୦୨୦-୨୧ରେ ୫, ଓଡ଼ାପଡ଼ା ବ୍ଲକରେ ୨୦୧୯-୨୦ରେ ଜଣେ ବ୍ୟକ୍ତିଙ୍କ ବଜ୍ରପାତରେ ମୃତ୍ୟୁ ଘଟିଛି। ସେହିପରି ସଦର ବ୍ଲକରେ ୨୦୧୯-୨୦ରେ ୩, ୨୦୨୦-୨୧ରେ ୨ ଏବଂ ଗଁନ୍ଦିଆ ବ୍ଲକରେ ୨୦୧୯-୨୦ରେ ୪, ୨୦୨୦-୨୧ରେ ଜଣେ ବ୍ୟକ୍ତି ବଜ୍ରପାତ ଶିକାର ହୋଇଥିବା ଜଣାପଡ଼ିଛି। ସମଗ୍ର ଜିଲାରେ ୨୦୧୮-୧୯ରେ ୧୭, ୨୦୧୯-୨୦ରେ ୧୮ ଏବଂ ୨୦୨୦-୨୧ ବର୍ତ୍ତମାନ ସୁଦ୍ଧା ୧୩ ଜଣଙ୍କ ବଜ୍ରପାତରେ ମୃତ୍ୟୁ ଘଟିଲାଣି।

ବଜ୍ରପାତଜନିତ ମୃତ୍ୟୁ ବଢ଼ିବାର ପ୍ରମୁଖ କାରଣ ସଚେତନତା ଅଭାବ ବୋଲି କୁହାଯାଉଛି। ମୁଖ୍ୟତଃ କାଳବୈଶାଖୀ ଏବଂ ଅଦିନିଆ ଝଡ଼ବର୍ଷା ସମୟରେ ଗଛ ତଳେ ଆଶ୍ରୟ ନେଉଥିବା ଗୋରୁ ଚରାଳି, ତୋଟାରେ ଆମ୍ବ ଗୋଟାଉଥିବାବେଳେ ଅଧିକ ଜୀବନ ଯାଇଥିବା ରିପୋର୍ଟରେ କୁହାଯାଇଛି। ଅନ୍ୟପଟେ ଜିଲାରେ ଆଗୁଆ ପାଣିପାଗ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଇବାକୁ କୌଣସି ବ୍ୟବସ୍ଥା ନାହିଁ। ଗ୍ରାମାଞ୍ଚଳବାସୀ କାଳବୈଶାଖୀ, ଝଡ଼ବର୍ଷା, ବଜ୍ରପାତ ସମ୍ପର୍କରେ ଆଗୁଆ ସୂଚନା ପାଇପାରୁ ନ ଥିବାରୁ ଏଭଳି ଦୁର୍ବିପାକ ବଢ଼ିବାରେ ଲାଗିଥିବା ଜଣାପଡ଼ିଛି।

ଅପରପକ୍ଷେ ରାଜ୍ୟ ସରକାରଙ୍କ ପକ୍ଷରୁ ବଜ୍ରପାତ ମୃତ୍ୟୁକୁ ପ୍ରାକୃତିକ ଦୁର୍ବିପାକଜନିତ ମୃତ୍ୟୁ ତାଲିକାଭୁକ୍ତ କରାଯାଇଛି। ମୃତକଙ୍କ ପରିବାରକୁ ୪ଲକ୍ଷ ଟଙ୍କା ସହାୟତା ପ୍ରଦାନ କରାଯାଉଛି। ସେହିପରି ସାମାନ୍ୟ ଆହତଙ୍କ ଲାଗି ୪ ହଜାର ଟଙ୍କା ଏବଂ ଗୁରୁତରଙ୍କ ଚିକିତ୍ସା ଲାଗି ୧୨ ହଜାର ଟଙ୍କା ଯାଏ ସହାୟତା ରାଶି ପ୍ରଦାନ କରାଯିବା ବ୍ୟବସ୍ଥା ରହିଛି। ଥାନା, ଫାଣ୍ଡିରୁ ମୃତକଙ୍କ ବ୍ୟବଚ୍ଛେଦ ରିପୋର୍ଟ, ସ୍ଥାନୀୟ ଆର୍‌ଆଇଙ୍କ ତଦନ୍ତ ରିପୋର୍ଟ ଦାଖଲ ପରେ ଏହି ସହାୟତା ମିଳିଥାଏ। ହେଲେ ଅଧିକାଂଶ ସମୟରେ ସମନ୍ୱୟ ଅଭାବରୁ ରିପୋର୍ଟ ଦାଖଲରେ ବିଳମ୍ବ କାରଣରୁ ମୃତକଙ୍କ ପରିବାର ସହାୟତା ରାଶି ପାଇବାରେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି।

ଏ ସଂକ୍ରାନ୍ତରେ ଜିଲା ଜରୁରୀ ଓ ଆପାତକାଳୀନ ଅଧିକାରୀ ଶଶାଙ୍କ ଶେଖର ମିଶ୍ର କୁହନ୍ତି, ଗତ ୩ ବର୍ଷରେ ଜିଲାରେ ବଜ୍ରପାତ ଘଟି ୪୮ ଜଣଙ୍କ ମୃତ୍ୟୁ ହୋଇଛି। ମୃତକଙ୍କ ପରିବାରକୁ ସରକାରୀ ସହାୟତା ପ୍ରଦାନ କରାଯାଉଛି। ଆବଶ୍ୟକ କାଗଜପତ୍ର ହୋଇ ନ ଥିବାରୁ ୨୦୨୦-୨୧ ବର୍ଷର କେତେଜଣ ମୃତକଙ୍କ ପରିବାର ସହାୟତା ପାଇପାରିନାହାନ୍ତି। ଖୁବ୍‌ଶୀଘ୍ର ସେମାନଙ୍କ ସମସ୍ୟା ଦୂର କରିବା ଲାଗି ଉଦ୍ୟମ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି।

## ୪୪୦ କେଭି ଟାୱାର ଉପରେ ଘଣ୍ଟାଏ

**କାମାକ୍ଷାନଗର, ୧୧।୬(ଡି.ଏନ୍.ଏ.)**

### ମହିଳାଙ୍କୁ ଉଦ୍ଧାର କଲା ଅଗ୍ନିଶମ ବାହିନୀ

ଉଚ୍ଚକ୍ଷମତା ସମ୍ପନ୍ନ ୪୪୦ କେଭି ବିଦ୍ୟୁତ୍ ଟାୱାର ଉପରେ ଘଣ୍ଟାଏରୁ ଅଧିକ ସମୟ। ମହିଳା ଏବଂ ବିଦ୍ୟୁତ୍ ତାର ମଧ୍ୟରେ ମାତ୍ର କେଇ ଫୁଟର ଦୂରତା। ହେଲେ ଅଗ୍ନିଶମ ବିଭାଗ କର୍ମଚାରୀଙ୍କ ଉପସ୍ଥିତି କୌଶଳ କାମଦେଲା। ବୁଝାଶୁଝା ପରେ ମହିଳା ଜଣକ ତଳକୁ ଆସିଲେ। ଶୁକ୍ରବାର ଅପରାହ୍ନରେ ଏଭଳି ଏକ ଲୋମଟାଙ୍କୁରା ଘଟଣା ଘଟିଛି ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ତାଳଗୋରଡ଼ ଗ୍ରାମ ନିକଟରେ, ଯାହା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

ଶୁକ୍ରବାର ଅପରାହ୍ନ ପ୍ରାୟ ସାଢ଼େ ୧ଟା। ତାଳଗୋରଡ଼ ଗ୍ରାମ ନିକଟ ଦେଇ ଯାଇଥିବା ମେରାମଣ୍ଡଳୀ-ଡୁବୁରୀ ୪୪୦ କେଭି ବିଦ୍ୟୁତ୍ ଟାୱାର ଉପରେ ଚଢ଼ିଗଲେ ଜଣେ ମହିଳା। ପ୍ରତ୍ୟକ୍ଷଦର୍ଶୀ ତାଙ୍କୁ ତଳକୁ ଆସିବାକୁ ଅନୁରୋଧ କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ଓଲଟି ମହିଳା ଜଣକ ଆହୁରି ଉପରକୁ ଚଢ଼ିବା ଆରମ୍ଭ କରିଥିଲେ। ତାଙ୍କ ଜୀବନ ପ୍ରତି ବିପଦ ବଢୁଥିବା ଦେଖି ସେଠାରେ ଉପସ୍ଥିତ କେତେଜଣ ବ୍ୟକ୍ତି ତୁରନ୍ତ ବିଦ୍ୟୁତ୍ ବିଭାଗ ଏବଂ ଅଗ୍ନିଶମ ବିଭାଗକୁ ସୂଚନା ଦେଇଥିଲେ। ଉଭୟ ବିଭାଗର କର୍ମଚାରୀ ପହଞ୍ଚି ଦୀର୍ଘ ଘଣ୍ଟାଏ ବୁଝାଶୁଝା କରାଇବା ପରେ ମହିଳା ଜଣକ ତଳକୁ ଓହ୍ଲାଇଥିଲେ। ମହିଳାଙ୍କ ନାମ ରାନୁ ବେହେରା। ତାଙ୍କ ଘର କଙ୍କଡାହାଡ଼ ଥାନା କଣ୍ଟାପାଳ ଗ୍ରାମରେ। ସେ ଜଣେ ମାନସିକ ଭିନ୍ନକ୍ଷମ ବୋଲି ଜଣାପଡ଼ିଛି। କାମାକ୍ଷାନଗର ପୋଲିସ ତାଙ୍କୁ ସୁରକ୍ଷିତ ଭାବେ ଘରେ ଛାଡ଼ି ଦେଇଥିବା ଜଣାପଡ଼ିଛି।



ଟାୱାର ଉପରେ ମହିଳା ଚଢ଼ିଯାଇଛନ୍ତି।

## ମହଙ୍ଗା ପଡ଼ିଲା ପରକୀୟା ପ୍ରୀତି

**ହିନ୍ଦୋଳ, ୧୧।୬(ଡି.ଏନ.ଏ.)**

### ସ୍ୱାମୀଙ୍କ ଅନୁପସ୍ଥିତିରେ ଅନୈତିକ ସମ୍ପର୍କ

### ପ୍ରେମୀଯୁଗଳଙ୍କ ବିବାହ କରାଇଦେଲେ ଗ୍ରାମବାସୀ

ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ବାଲିମୀ ଥାନା ଅଞ୍ଚଳରେ ଶୁକ୍ରବାର ପୂର୍ବାହ୍ନରେ ଏକ ଅଭାବନୀୟ ଘଟଣା ଘଟିଛି। ସ୍ୱାମୀଙ୍କ ଅନୁପସ୍ଥିତିରେ ଜଣେ ମହିଳାଙ୍କ ସହ ପରକୀୟା ସମ୍ପର୍କ ରଖିବା ଜଣେ ଯୁବକଙ୍କ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଛି। ରାତି ଅଧରେ ଘରେ ପଶିଥିବା ଯୁବକଙ୍କୁ ଗ୍ରାମବାସୀ ଅଟକ ରଖିବା ସହ ସମ୍ପୃକ୍ତା ମହିଳାଙ୍କ ସହ ବିବାହ କରାଇ ଦେଇଛନ୍ତି। ଏହି ଘଟଣା ସାରା ଜିଲାରେ ଚର୍ଚ୍ଚାର ବିଷୟ ପାଲଟିଛି।

ସୂଚନା ଅନୁଯାୟୀ, ସମ୍ପୃକ୍ତା ମହିଳାଙ୍କ ଘର ରାସୋଳ ଥାନା ଅଞ୍ଚଳରେ। ସେ ବାଲିମୀ ଥାନା ଅଞ୍ଚଳର ଜଣେ ବ୍ୟକ୍ତିଙ୍କୁ ୬ବର୍ଷ ତଳେ ବିବାହ କରିଥିଲେ। ସ୍ୱାମୀ ମୁମ୍ବାଇରେ ରହି କାମ କରନ୍ତି। ସ୍ୱାମୀଙ୍କ ଅନୁପସ୍ଥିତିରେ ସମ୍ପୃକ୍ତ ଯୁବକଙ୍କ ସହ ତାଙ୍କର ପ୍ରେମସମ୍ପର୍କ ଗଢ଼ିଉଠିଥିଲା। ଦୁଇବର୍ଷ ଧରି ଯୁବକ ଜଣକ ତାଙ୍କ ଘରକୁ ଯିବା ଆସିବା କରୁଥିଲେ। ଗୁରୁବାର ରାତିରେ ପ୍ରେମିକ ମହିଳାଙ୍କ ଘରେ ଥିବାବେଳେ ସ୍ଥାନୀୟ ଲୋକେ ଉଭୟଙ୍କୁ ଅସଂଯତ ଅବସ୍ଥାରେ ଧରିଥିଲେ। ଶୁକ୍ରବାର ଗ୍ରାମରେ ବୈଠକ ବସିଥିଲା। ଗ୍ରାମବାସୀଙ୍କ ଉପସ୍ଥିତିରେ ସ୍ଥାନୀୟ ଏକ ମନ୍ଦିରରେ ଦୁହିଁଙ୍କ ବିବାହ ସମ୍ପନ୍ନ ହୋଇଥିଲା। ଏହପରେ ମହିଳାଙ୍କୁ ନେଇ ଯୁବକ ପଳାଇଥିଲେ। ଖବର ଲେଖାଯିବା ଘଟଣା ସମ୍ପର୍କରେ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଥାନାଧିକାରୀ ବ୍ରହ୍ମାନନ୍ଦ ପାତ୍ର କହିଛନ୍ତି।

# ପୌରାଞ୍ଚଳରେ ମାସ୍କ ବଣ୍ଟନ



କରୋନା ସଚେତନତା କାର୍ଯ୍ୟକ୍ରମରେ ବିଧାୟକଙ୍କ ସମେତ ଅନ୍ୟମାନେ।

**ଢେଙ୍କାନାଳ ଅଫିସ, ୧୧।୬**

ଢେଙ୍କାନାଳ ନିର୍ବାଚନମଣ୍ଡଳୀରେ ବିଜେଡି ପକ୍ଷରୁ କରୋନା ସଚେତନତା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହି ଉପଲକ୍ଷେ ପୌରାଞ୍ଚଳର ୧୭ନମ୍ବର ୱାର୍ଡରେ ଶୁକ୍ରବାର ବିଧାୟକ ସୁଧୀର କୁମାର ସାମଲ ମାସ୍କ ଓ ସାନିଟାଇଜର ବଣ୍ଟନ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଢେଙ୍କାନାଳ ବିଧାନସଭା ନିର୍ବାଚନମଣ୍ଡଳୀରେ ପ୍ରଥମେ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବା ବିଧାୟକ ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ ଜିଲା ସାଧାରଣ ସମ୍ପାଦକ ଦେବାଶିଷ ମିଶ୍ର, ପୂର୍ବତନ ନଗରପାଳ ସୁଧାଂଶୁ ଦଳେଇ, ଟାଉନ ଯୁବ ବିଜେଡି ସଭାପତି ବିନୋଦ ମହାନ୍ତି, ଜିଲା ଛାତ୍ର ବିଜେଡି ସଭାପତି ସୁରଜ ମହାପାତ୍ର, ମହିଳା ସଭାନେତ୍ରୀ ସାଇଶ୍ରୀ ପଟ୍ଟନାୟକ, ବୁବୁଲି ଧଳ, ଉର୍ବଶ୍ରୀ ମହାପାତ୍ର, ପ୍ରମୁଖ ଉପସ୍ଥିତ ଥିଲେ।

## ଭୂମିହୀନଙ୍କୁ ଜମିପଟ୍ଟା

**ବାରିପଦା ଅଫିସ, ୧୧।୬:** ମୟୂରଭଞ୍ଜ ଜିଲା ଶାମାଖୁଣ୍ଟା ତହସିଲ ପକ୍ଷରୁ ରାଜସ୍ୱ ରଥ ଜରିଆରେ ଭୂମିହୀନ ପରିବାରକୁ ଜମିପଟ୍ଟା ପ୍ରଦାନ କରାଯାଇଛି। ତହସିଲଦାର ରାଧା ରଞ୍ଜନ ଦାସ ଏହି ରଥର ଶୁଭାରମ୍ଭ କରିଥିବା ବେଳେ ରାଜସ୍ୱ ପରିଦର୍ଶକ ମଦନ ମୋହନ ମହାନ୍ତି, ରାଜସ୍ୱ ନୀରିକ୍ଷକ ଜଗନ୍ନାଥ ବେହେରା ଓ ତହସିଲର କର୍ମଚାରୀମାନେ ଉପସ୍ଥିତ ଥିଲେ। ଏହି ରଥ ମାଧ୍ୟମରେ ବାଉଁଶବିଲା ପଞ୍ଚାୟତ ଅନ୍ତର୍ଗତ ପୋଡ଼ାଅସ୍ତିଆ ଗ୍ରାମର ୩ ଓ ଶାମାଖୁଣ୍ଟା ପଞ୍ଚାୟତର ୩ ଜଣଙ୍କୁ ଜମିପଟ୍ଟା ପ୍ରଦାନ କରାଯାଇଥିଲା।

## କେନାଲ ପିଣ୍ଡି ମଦ୍ୟପଙ୍କ ଆଡ୍ଡା

**ମାଧପୁର,୧୧।୬**

ଆଠମଲ୍ଲିକ ବ୍ଲକ ମାଧପୁର ନିକଟ ମାନଜୋର ମଧ୍ୟମ ଜଳସେଚନ ପ୍ରକଳ୍ପରୁ ଚାଷଜମିକୁ ଜଳସେଚନ ପାଇଁ ନିର୍ମାଣ ହୋଇଛି କେନାଲ। ବର୍ତ୍ତମାନ ଚାଷ ସମୟ ନ ଥିବାରୁ ଏହି କେନାଲ ଶୁଖିଲା ପଡିଛି। ଏହି କେନାଲଗୁଡିକର ପ୍ରତି ୧୦୦ରୁ ୨୦୦ ମିଟର ମଧ୍ୟରେ ଜମିକୁ ଜଳ ଯିବା ପାଇଁ ଫଲ୍ ଉପରେ ନିର୍ମାଣ କରାଯାଇଛି ସିମେଣ୍ଟ ପିଣ୍ଡି। ଏହି ପିଣ୍ଡି ଏବେ ମଦ୍ୟପଙ୍କ ଅଡ୍ଡାସ୍ଥଳୀ ପାଲଟିଛି। ମଦ୍ୟପମାନେ ପିଣ୍ଡିରେ ବସି ମଦ୍ୟପାନ କରିବା ସହିତ କେନାଲ ଭିତରକୁ ବୋତଲ ସହିତ ଅନ୍ୟାନ୍ୟ ବର୍ଜ୍ୟ ସାମଗ୍ରୀ ପକାଉଛନ୍ତି। ଫଳରେ କେନାଲର ଅଧିକାଂଶ ଫଲ୍ ଆବର୍ଜନାମୟ ହୋଇପଡ଼ିଛି। ଆଗାମୀ ଚାଷ ସମୟରେ ଖାଲି ମଦ ବୋତଲ ଏବଂ ଅନ୍ୟ ଆବର୍ଜନା ଜଳସେଚନରେ ବାଧକ ସାଜିବା ବୋଲି ଚାଷୀମାନେ ଆଶଙ୍କା ବ୍ୟକ୍ତ କରିଛନ୍ତି। ପୋଲିସ ପକ୍ଷରୁ ମଦ୍ୟପ ଧରପଗଡ଼ ଅଭିଯାନ ସହ କେନାଲକୁ ତୁରନ୍ତ ସଫେଇ କରିବାକୁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି।

# ନାବାଳକଙ୍କୁ ହତ୍ୟା, ୨ଗିରଫ

**ବାରିପଦା ଅଫିସ, ୧୧।୬**

ମୟୂରଭଞ୍ଜ ଜିଲା ମୋରଡା ଥାନା ଜୁଆଳିଭଙ୍ଗା ପଞ୍ଚାୟତ ଅନ୍ତର୍ଗତ ମହୁଲବଣି ଗ୍ରାମରେ ଗୋଚର ଜମି ଜବର ଦଖଲକୁ ନେଇ ଦୁର୍ବୃତ୍ତମାନେ ଜଣେ ନାବାଳକଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରିଛନ୍ତି। ହତ୍ୟାକାଣ୍ଡରେ ସମ୍ପୃକ୍ତ ୨ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିବା ସହ ବ୍ୟବହୃତ ଟାଙ୍ଗିଆକୁ ଜବତ କରିଛି। ଅଭିଯୁକ୍ତ ଦ୍ୱୟ ହେଲେ ଯତୀନ୍ଦ୍ର ମହାନ୍ତ ଓ ଶୋଭାକର ମହାନ୍ତ। ମୃତ ନାବାଳକ ସେହି ଗ୍ରାମର ରଘୁନାଥ ମହାନ୍ତଙ୍କ ପୁଅ ହରେକୃଷ୍ଣ ମହାନ୍ତ(୧୭) ବୋଲି ଜଣାପଡ଼ିଛି।

ସୂଚନା ଅନୁଯାୟୀ, ଦୀର୍ଘ ଦିନ ଧରି ରଘୁନାଥ ଏକ ଗୋଚର ଜାଗାକୁ ଦଖଲରେ ରଖି ଆସିଥିଲେ। ଦାଦନ ଖଟିବାକୁ ଯାଇଥିବା ରଘୁନାଥଙ୍କ ଅନୁପସ୍ଥିତିରେ ଉକ୍ତ ଜାଗାରେ ଅଭିଯୁକ୍ତମାନେ ଏକ ଘର ନିର୍ମାଣ କରିଥିଲେ। ଏହାକୁ ନେଇ ରଘୁନାଥଙ୍କ ପରିବାର ଓ ଅଭିଯୁକ୍ତଙ୍କ ମଧ୍ୟରେ ଗୁରୁବାର ଗଣ୍ଡଗୋଳ ହୋଇଥିଲା। ରାତି ୭ଟା ସମୟରେ ଅଭିଯୁକ୍ତମାନେ ସେଠାରେ ପହଞ୍ଚି ଅଶ୍ରାବ୍ୟ ଭାଷାରେ ଗାଳି ଗୁଲଜ କରିଥିଲେ। ହରେକୃଷ୍ଣ ଏହାକୁ ବିରୋଧ କରିବାରୁ ଅଭିଯୁକ୍ତମାନେ ସାଙ୍ଗରେ ଆଣିଥିବା ଟାଙ୍ଗିଆରେ ଗୋଡ଼ାଇ ଗୋଡ଼ାଇ ତାଙ୍କୁ ହାଣି ପକାଇଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ପରିବାର ଲୋକେ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ ହେଁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା । ଶୁକ୍ରବାର ସକାଳେ ସାଇଣ୍ଟିଫିକ ଟିମ୍ ଓ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ଏ ନେଇ ପୋଲିସ ଏକ ହତ୍ୟା ମାମଲା (ନଂ. ୧୨୭/୨୧) ରୁଜୁ କରିବା ସହ ଶବ ବ୍ୟବଚ୍ଛେଦ ପାଇଁ ପଠାଇଛି। ଏହି ଘଟଣାରେ ସମ୍ପୃକ୍ତ ମୁଖ୍ୟ ଅଭିଯୁକ୍ତ ଫେରାର ଥିବା ବେଳେ ଖୁବଶୀଘ୍ର ତାଙ୍କୁ ଗିରଫ କରାଯିବ ବୋଲି ଥାନାଧିକାରୀ କୁନି ବେଶ୍ରା ପ୍ରକାଶ କରିଛନ୍ତି ।

## ସିରିଜ୍ ଦୁର୍ଘଟଣା, ୩ ଡ୍ରାଇଭର ଗୁରୁତର

**ପରଜଙ୍ଗ,୧୧।୬(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ପରଜଙ୍ଗ ଥାନା କଟୁମୁଣ୍ଡା ଛକ ନିକଟ ବାଲିପଟାଠାରେ ଶୁକ୍ରବାର ଅପରାହ୍ନରେ ୨ ଟ୍ରକ୍ ଏବଂ ଗୋଟିଏ ହାଇୱା ମଧ୍ୟରେ ସିରିଜ୍ ଦୁର୍ଘଟଣା ହୋଇଛି। ଏଥିରେ ୩ ଜଣ ଡ୍ରାଇଭର ଗୁରୁତର ହୋଇଛନ୍ତି। ସ୍ଥାନୀୟ ବାସିନ୍ଦା ଏବଂ ପୋଲିସ ସହାୟତାରେ ଦୁଇଜଣ ଡ୍ରାଇଭରଙ୍କୁ ସଙ୍କଟାପନ୍ନ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ଅନ୍ୟଜଣଙ୍କୁ ଗ୍ୟାସ୍ କଟର ସହାୟତାରେ ଗାଡ଼ି କାଟି ବାହାର କରାଯାଇଥିଲା। ସମସ୍ତଙ୍କୁ ୧୦୮ ଆମ୍ବୁଲାନ୍ସରେ ତାଳଚେର ଡାକ୍ତରଖାନାକୁ ପଠାଯାଇଛି।

ପ୍ରତ୍ୟକ୍ଷଦର୍ଶୀଙ୍କ ସୂଚନା ଅନୁଯାୟୀ, ଅପରାହ୍ନରେ ୧୪୯ନଂ. ଜାତୀୟ ରାଜପଥରେ ଏକ ହାଇୱା ପିଟିରିରୁ ଖମାର ଅଭିମୁଖେ ଯାଉଥିଲା। ଏହି ସମୟରେ କଟୁମୁଣ୍ଡା ଛକ ନିକଟରେ ବିପରୀତ ଦିଗରୁ ଆସୁଥିବା ଲୁହାପଥର ବୋଝେଇ ଟ୍ରକ୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଏଥିରେ ଟ୍ରକ୍‌ଟି ରାସ୍ତା କଡ଼କୁ ଓଲଟି ପଡ଼ିଥିଲା। ଏହି ସମୟରେ ଦ୍ରୁତଗତିରେ ଆସୁଥିବା ଅନ୍ୟ ଏକ ଟ୍ରକ୍ ଭାରସାମ୍ୟ ହରାଇ ଦୁର୍ଘଟଣାର ଶିକାର ହୋଇଥିଲା। ସିରିଜ୍ ଦୁର୍ଘଟଣାରେ ୩ ଗାଡ଼ିର ସମ୍ମୁଖ ଭାଗ ଚୂରମାର୍ ହୋଇଯାଇଛି। ପରଜଙ୍ଗ ଥାନାଧିକାରୀ ସୌଭାଗ୍ୟ କୁମାର ସ୍ୱାଇଁ ସଦଳବଳ ପହଞ୍ଚି ୩ ଡ୍ରାଇଭରଙ୍କୁ ଉଦ୍ଧାର କରି ଡାକ୍ତରଖାନା ପଠାଇଥିଲେ।



ଦୁର୍ଘଟଣାରେ ଚୂରମାର ହୋଇଯାଇଥିବା ଗାଡ଼ି।

# ନିୟନ୍ତ୍ରଣ କରା ନ ଗଲେ ଜୋରଦାର ଆନ୍ଦୋଳନ



ଭୁବନ ପେଟ୍ରୋଲ ପମ୍ପ ସମ୍ମୁଖରେ କଂଗ୍ରେସ କର୍ମୀମାନେ ଧାରଣାରେ ବସିଛନ୍ତି।

**କାମାକ୍ଷାନଗର/ଭୁବନ, ୧୧।୬(ଡି.ଏନ୍.ଏ.)**

ତୈଳଦର ବୃଦ୍ଧି ପ୍ରତିବାଦରେ ଶୁକ୍ରବାର ଢେଙ୍କାନାଳ ଜିଲାର ବିଭିନ୍ନ ସ୍ଥାନରେ କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ରାଜ୍ୟରେ ତୈଳ ଦର ୧୦୦ ଟଙ୍କା ଛୁଇଁଲାଣି। ତେଲ ଦର ଉପରେ ନିୟନ୍ତ୍ରଣ ନ ଥିବାରୁ ଅତ୍ୟାବଶ୍ୟକ ସାମଗ୍ରୀ ଦର ବଢ଼ିଚାଲିଛି। ଏଥିରେ ସର୍ବାଧିକ ପ୍ରଭାବିତ ହେଉଛନ୍ତି ମଧ୍ୟବିତ୍ତ ଏବଂ ଗରିବ। ତୈଳଦର ନିୟନ୍ତ୍ରଣ କରା ନ ଗଲେ ଆନ୍ଦୋଳନକୁ ଆହୁରି ଜୋର୍‌ଦାର କରାଯିବ ବୋଲି ଦଳ ପକ୍ଷରୁ ଚେତାବନୀ ଦିଆଯାଇଛି।

କାମାକ୍ଷାନଗର ରେଙ୍ଗୁଳା ପେଟ୍ରୋଲ ପମ୍ପ ସମ୍ମୁଖରେ ଯୁବନେତା ପ୍ରଭୁଦତ୍ତ ଭଞ୍ଜଙ୍କ ନେତୃତ୍ୱରେ ଆୟୋଜିତ ପ୍ରତିବାଦ କାର୍ଯ୍ୟକ୍ରମରେ କାମାକ୍ଷାପ୍ରସାଦ ପଣ୍ଡା, ଦୁଃଶାସନ ସାହୁ, ସଞ୍ଜୀବ ବେହେରା, ରମାକାନ୍ତ ସାହୁ, ଅଭୟ ମହାପାତ୍ର, ଦୀପକ ନାୟକ ପ୍ରମୁଖ ଯୋଗଦେଇ କେନ୍ଦ୍ର ସରକାରଙ୍କୁ ତୀବ୍ର ସମାଲୋଚନା କରିଥିଲେ। ସେହିପରି ଭୁବନ କଂଗ୍ରେସ କମିଟି ପକ୍ଷରୁ ବାବା ଅଷ୍ଟଶମ୍ଭୁ ପେଟ୍ରୋଲ ପମ୍ପରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ବ୍ଲକ କଂଗ୍ରେସ କମିଟି ସଭାପତି ମନୋଜ ସାହୁଙ୍କ ନେତୃତ୍ୱରେ ବିନୋଦ ମହାରଣା, ତ୍ରିଲୋଚନ ସାହୁ, ଭାଗବତ ନାୟକ, ପୀତବାସ ବେହେରା, ମନମୋହନ ସାହୁ, ହରିହର ସାହୁ, ଶତେକେତୁ ମିଶ୍ର, ଦେବାଶିଷ ସାହୁ ପ୍ରମୁଖ ଧାରଣାରେ ସାମିଲ ହୋଇଥିଲେ।

## ସାଇକେଲ ଚଳାଇ ପ୍ରତିବାଦ

**ଢେଙ୍କାନାଳ ଅଫିସ, ୧୧।୬**

କରୋନାର ଦ୍ୱିତୀୟ ଲହରରେ ସାରା ଦେଶ ପ୍ରଭାବିତ ହୋଇଥିବାବେଳେ ଲଗାତର ତୈଳଦର ବୃଦ୍ଧି ପାଇବାରେ ଲାଗିଛି। ଏହାକୁ ନିୟନ୍ତ୍ରଣ କରିବାରେ କେନ୍ଦ୍ର ସରକାର ବିଫଳ ହୋଇଥିବା ଅଭିଯୋଗ ଆଣିଛି ଢେଙ୍କାନାଳ ଜିଲା କଂଗ୍ରେସ। ଏହାର ପ୍ରତିବାଦରେ ଜିଲା ସଭାପତି ସରୋଜ କୁମାର ପଟ୍ଟନାୟକଙ୍କ ନେତୃତ୍ୱରେ ଦଳୀୟ କର୍ମକର୍ତ୍ତାଙ୍କୁ ନେଇ ଏକ ସାଇକେଲ ରାଲି ଷ୍ଟେଶନ ବଜାରସ୍ଥିତ ପେଟ୍ରୋଲ ପମ୍ପ ନିକଟରୁ ବାହାରି କୁଞ୍ଜକାନ୍ତସ୍ଥିତ ପଟ୍ରୋଲ ପମ୍ପ ଯାଏ ଯାଇଥିଲା। ଦେଶରେ ଆର୍ଥିକ ମାନ୍ଦାବସ୍ଥା ଉତ୍କଟ ହୋଇଛି। ବେକାରି ସମସ୍ୟା ବଢ଼ିଚାଲିଛି। ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଦର ଆକାଶ ଛୁଆଁ ହେବା ପରେ ଗରିବ, ମଧ୍ୟବିତ୍ତ ପରିବାର ନାହିଁ ନ ଥିବା ହିନସ୍ତା ହେଉଛନ୍ତି। କେନ୍ଦ୍ର ସରକାର ତୁରନ୍ତ ଏହାର ପ୍ରତିକାର ନ କଲେ ଆନ୍ଦୋଳନ ଆହୁରି ତୀବ୍ର କରାଯିବ ବୋଲି ଦଳ ପକ୍ଷରୁ ଚେତାବନୀ ଦିଆଯାଇଛି। ବିକ୍ଷୋଭରେ ପୂର୍ବତନମନ୍ତ୍ରୀ ନବୀନଚନ୍ଦ୍ର ନାରାୟଣ ଦାସ, ସୁଭାସିନୀ ମହାକୁଡ଼, ସମ୍‌ସିଦା ତାଏବ, ଗୋପାଳ ସାହୁ, ବସନ୍ତ ବେହେରା, ପ୍ରେମଶଙ୍କର ମିଶ୍ର, ଚକ୍ରଧର ନାଏକ, ପ୍ରକାଶ କୁଅଁର, ବିପ୍ରବର ସାହୁ, ଅମ୍ଳାନ ଖଟୁଆ, ହାଇଦର ମହମ୍ମଦ, ଶୁଭମ୍ ଦାଶ ପ୍ରମୁଖ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।



ଢେଙ୍କାନାଳରେ କଂଗ୍ରେସ କର୍ମୀମାନେ ଧାରଣାରେ ବସିଛନ୍ତି।

